# ପାଠ- ୨

# ଉଦ୍‌ବୋଧନ

**STUDY NOTES**

## MIND MAP



**କବି ଓ କବିତା :-**

ଗଙ୍ଗାଧର ମେହେରଙ୍କ କାବ୍ୟ - ପ୍ରକୃତି ମାନବୀୟ । ତାଙ୍କର କାଳଜୟୀ କାବ୍ୟକବିତା ଉତ୍କଳର ବାଣୀ – ଭାଣ୍ଡାରକୁ ପରିପୁଷ୍ଟ କରିଅଛି । ତାଙ୍କ ରଚନାଗୁଡ଼ିକ ମାଧ୍ୟରେ 'ତପସ୍ୱିନୀ', 'ପ୍ରଣୟବଲ୍ଲରୀ', 'କୀଚକ ବଧ', 'ଇନ୍ଦୁମତୀ', 'ଉତ୍କଳଲକ୍ଷ୍ମୀ', 'ଅର୍ଘ୍ୟଥାଳୀ', 'କୃଷକ ସଙ୍ଗୀତ', ଇତ୍ୟାଦି ପ୍ରଧାନ । ଆଲୋଚ୍ୟ 'ଉଦ୍‌ବୋଧନ' କବିତାଟି କବିଙ୍କ 'ଅର୍ଘ୍ୟଥାଳୀ' ପୁସ୍ତକର ଅଂଶବିଶେଷ । ଏଠାରେ ଦେଶ ଓ ଦଶ ଉଦ୍ଦେଶ୍ୟରେ କବି ଚିନ୍ତାପ୍ରକଟ କରି ଦେଶବାସୀଙ୍କୁ ଅନେକ ଅମୂଲ୍ୟ ସଦୁପଦେଶ ପ୍ରଦାନ କରିଛନ୍ତି ।

**କବିତାର ସାରକଥା:-**

(୧) ଶକ୍ତିମାନ କେବେ ନ୍ୟୂନ ହୋଇ ରହେନାହିଁ - ନବୋଦିତ ବାଳସୂର୍ଯ୍ୟଙ୍କ ରକ୍ତିମ ଆଭାର ପ୍ରଥମ ସ୍ପର୍ଶରେ ପ୍ରସ୍ଫୁଟିତ ହୁଏ କମଳ କଳିକା । ପ୍ରଭାତର ଶୁଭାଗମନରେ ପକ୍ଷୀଦଳ ଉଲ୍ଲସିତ ହୋଇଉଠନ୍ତି । ଆହାର ବିହାର ପାଇଁ ବସା ଛାଡ଼ନ୍ତି । ନୀଳାକାଶ ତଳେ ଦୂରଦୂରାନ୍ତକୁ ଉଡ଼ିଯାଆନ୍ତି । ମଧୁ ସଂଚୟ ଆଶାରେ ଆଳସ୍ୟ ପରିତ୍ୟାଗ କରି ମଧୁମକ୍ଷିକା ଅଗମ୍ୟ ବନପର୍ବତରେ ବିଚରଣ କରେ । ଏହିପରିଭାବେ ଶୁଭ ସକାଳରେ ପ୍ରତ୍ୟେକ ଚଳମାନ ଓ ବଳବାନ୍ ପ୍ରାଣୀ ଆଳସ୍ୟ ପରିତ୍ୟାଗ କରି କର୍ମକ୍ଷମ ହୋଇଉଠନ୍ତି । କେହି ମୌନ ହୋଇ ନୀରବତା ଅବଲମ୍ବନ କରନ୍ତି ନାହିଁ । କେହି ବଳ ଥାଉ ଥାଉ ନିଜକୁ ନ୍ୟୂନ କରିଦିଅନ୍ତି ନାହିଁ ।

(୨) କଳକୌଶଳରେ କର୍ମ କଲେ କେହି ଉପବାସ ରହେନାହିଁ - ଦୁନିଆର ପ୍ରତ୍ୟେକ ବଳଶାଳୀ ଜୀବ ନିଜ ନିଜର ଉଦରପୂର୍ତ୍ତି ନିମିତ କର୍ମତତ୍ପର ହୁଅନ୍ତି । ବିଭିନ୍ନ କଳକୌଶଳ ପ୍ରୟୋଗ କରି ଖାଦ୍ୟ ଆହରଣ କରନ୍ତି । ଅମିତ ବଳଶାଳୀ ବନପତି ସିଂହ ଜାଗ୍ରତ ନ ହେଲେ ତା'ମୁଖକୁ ସ୍ୱତଃ ଆହାର ଆସିଯାଏ ନାହିଁ । ପିମ୍ପୁଡ଼ି ଅନବରତ ଶ୍ରମକରି ତା'ର ଖାଦ୍ୟଭଣ୍ଡାରକୁ ପରିପୂର୍ଣ୍ଣ କରି ସାଇତି ରଖେ । ବୃକ୍ଷମୂଳରେ ପାଟି ଖୋଲି ଶ୍ରମବିମୁଖ ହୋଇ କେବଳ ଶୋଇ ରହିଲେ ବୃକ୍ଷଚ୍ୟୁତ ଫଳ ସ୍ୱତଃ ଆମର ପାଟିକୁ ଆସିଯାଇ ଆମ ଭୋକ ମେଟାଏ ନାହିଁ । ବୁଦ୍ଧିମାନ୍ ମଣିଷ ନିଜ ବୁଦ୍ଧି କୌଶଳ ବଳରେ ଗଜ, ସିଂହ ଓ ବ୍ୟାଘ୍ର ପରି ବଳବାନ୍ ପ୍ରାଣୀଙ୍କୁ ବାନ୍ଧି ରଖିପାରିଥାଏ ।

(୩) ଦୁର୍ବଳ ଭାଷା ନେଇ କେହି ବିଶ୍ୱରେ ରାଜପଣ କରେନାହିଁ – ଜ୍ଞାନୀମାନେ ହିଁ କୌଶଳୀ । ଯଥେଷ୍ଟ ଭାଷାଜ୍ଞାନ ନ ଥିଲେ କେହି ଜ୍ଞାନୀଗୁଣୀ ହୋଇପାରେ ନାହିଁ । ବଳଶାଳୀ ବ୍ୟକ୍ତି ଯଦି ମୂକ ହୋଇଥାଏ, ତେବେ ସେ କେବେ ବିଶ୍ୱରେ ରାଜପଣ କରିପାରିବ ନାହିଁ । ସେଇଥିପାଇଁ ତ ଭାଷାବିହୀନ ଶକ୍ତିଶାଳୀ ମୂକ ଜୀବଗଣ ଆଜି ଭାଷା-ଅଭିଜ୍ଞ ମାନବ ନିକଟରେ ପଦାନତ ହୋଇ ପଡ଼ିରହିଛନ୍ତି । ଯେଉଁମାନଙ୍କ ଭାଷା ଦୁର୍ବଳ ସେମାନେ ଅଧମ ପଦବାଚ୍ୟ । ସେମାନେ ଭାଷା-ବିଜ୍ଞାନୀମାନଙ୍କ ସହିତ ପ୍ରତିଯୋଗିତା କରି ସମକକ୍ଷ ହୋଇପାରିବେ ନାହିଁ । ଉଚ୍ଚଶିକ୍ଷିତ ହୋଇ ସମାଜରେ ଅଗ୍ରଣୀ ଭୂମିକା ନିର୍ବାହ କରୁଥିବା ଉଚ୍ଚଭାଷୀ ବ୍ୟକ୍ତିମାନେ ସେମାନଙ୍କୁ ହୀନ, ହେୟ ଓ ନୀଚ ବୋଲି ବିବେଚନା କରିବେ । ଯେଉଁ ବ୍ୟକ୍ତି ମାନ ଆପମାନ କ'ଣ ଜାଣିପାରେ ନାହିଁ, ସେ ନିଶ୍ଚିତରୂପେ ଜ୍ଞାନହୀନ ପଶୁ ସହିତ ସମାନ । ଯାହାର ଭାଷା ଦୁର୍ବଳ ସେ କେବେ ଜ୍ଞାନୀ ହୋଇପାରେ ନାହିଁ ଏବଂ ଶିକ୍ଷିତ ବ୍ୟକ୍ତିଙ୍କ ପରି ରାଜଦରବାରରେ ସମ୍ମାନିତ ହୋଇପାରେ ନାହିଁ ।

ODM EDUCATIONAL GROUP
Changing your Tomorrow